# କାଗଜ ଡଙ୍ଗା

କାନନ ମିଶ୍ର



Digitized by srujanika@gmail.com

# କାଗଜ ଡଙ୍ଗା

କାନନ ମିଶ୍ର

ବହିଘର

ସିନେମା ବଜାର, ବାଲେଶ୍ୱର-୭୫୬୦୦୩

Digitized by srujanika@gmail.com

# କାଗଜ ଡଙ୍ଗା

(ଶିଶୁ - କବିତା)

---

କାନନ ମିଶ୍ର

ପ୍ରକାଶକ : ଅଭୟ କୁମାର ଦାସ,
**ବହିଘର**, ସିନେମା ବଜାର
ବାଲେଶ୍ୱର-୭୫୬୦୦୩,
ଫୋନ୍ - ୩୬୪୬୮୮
ପ୍ରଚ୍ଛଦ ଓ ଅଳଂକରଣ : କେଶୁ ଦାସ
ମୁଦ୍ରଣ : ପୃଥ୍ୱୀ ପ୍ରିଣ୍ଟସ, ସିନେମା ବଜାର, ବାଲେଶ୍ୱର
ଫୋନ୍ - ୩୬୪୬୮୮
ପ୍ରଥମ ସଂସ୍କରଣ : ୨୦୦୧
ମୂଲ୍ୟ : ୧୮ ଟଙ୍କା ମାତ୍ର

# KAGAJA DANGA

(Children's Poems)

---

**By : Kanan Mishra**

**Publisher** : Abhay Kumar Das,
**BAHIGHARA**, Cinema Bazar
Baleshwar-756003,
Telephone - 364688
**Cover and inner art** : **Keshu Das**
**Printed at** : **PRITHVI PRINTERS**,
Cinema Bazar, Baleshwar-756003,
Telephone-364688
**First Edition** : **2001**
**Price** : **Rs. 18/-** Only

**ISBN - 81 - 87348 - 19 - 4**

*Digitized by srujanika@gmail.com*

ସୋନୁକୁ

ଏବଂ

ମାନୁକୁ ମଧ୍ୟ

Digitized by srujanika@gmail.com

# ସୂଚୀପତ୍ର



| ବିଷୟ | ପୃଷ୍ଠା |
|---|---|
| କାଗଜ ଡଙ୍ଗା | ୫ |
| ଝିରିଝିରି ମୁଁ ଯେ ଝରଣା | ୬ |
| ପ୍ରଜାପତି | ୭ |
| କିଏ କେମିତି | ୮ |
| ଆସିଗଲା ଟିପିଟିପି ବରଷା | ୧୦ |
| ରେଲଗାଡ଼ି | ୧୧ |
| ରାତି ଓ ଦିନ | ୧୨ |
| ଶରତ | ୧୪ |
| ଯାହାକୁ ଯିଏ | ୧୬ |
| ଆଜି ଯେ ମାସର ପହିଲା | ୧୭ |
| ସେଇ ଆମରି ଗାଁ | ୧୯ |
| ସଜଫୁଲ | ୨୧ |
| ଦୀପାବଳି | ୨୩ |
| ନାଲି | ୨୪ |
| ଆସିଗଲା ବଇଶାଖ | ୨୬ |
| ସୋନୁର ସପନ | ୨୭ |
| ରଙ୍ଗ | ୨୯ |
| ଭଲ ପିଲା କିଏ | ୩୦ |
| ହସ | ୩୧ |
| ଅଗଷ୍ଟ ପନ୍ଦର | ୩୨ |

| ବିଷୟ | ପୃଷ୍ଠା |
|---|---|
| ପ୍ରାର୍ଥନା | ୩୪ |
| ନଈପାଣି ନଈକି ଯାଆ | ୩୬ |
| ଠେକୁଆ | ୩୭ |
| ଗଣି ଶିଖିଲା ମାନୁ | ୩୮ |
| ଆମ ପୁଷି ବିଲେଇ | ୪୦ |
| କୁନି ଭାଇ | ୪୧ |
| ହରିଣର ଶିଙ୍ଘ | ୪୨ |
| ବସନ୍ତ | ୪୩ |
| ଝିଣ୍ଟିକା ଓ ପିମ୍ପୁଡ଼ି | ୪୪ |
| ଚୁଉକୁ ମୂଷି | ୪୬ |
| ସତ୍ୟବାଦୀ ବାଳକ | ୪୮ |
| ତଅପୋଇ | ୫୦ |
| ଟୁକୁନୁଟୁଆଁ | ୫୨ |
| ଚତୁର ମୂଷା | ୫୩ |
| ଲୋଭୀ ବାଘ | ୫୫ |
| ସିଂହ ଓ ମୂଷାଛୁଆ | ୫୭ |
| ନବଘନର ମା | ୫୯ |
| ଗହମ କ୍ଷେତର ଚଢ଼େଇଟି | ୬୧ |
| ଚ ଛ ଜ ଝ | ୬୩ |
| ଶୀତ ଆସିଗଲା | ୬୪ |



Digitized by srujanika@gmail.com

# କାଗଜ ଡଙ୍ଗା

ଅଙ୍କା ବଙ୍କା ବହେ ପାହାଡ଼ୀ ନଈ
ଝିରିଝିରି ଢେଉଢେଉକା
କୂଳେ ତାର ବସି ଦୂରକୁ ଠେଲି
ଭସାଇ ଦେଲି ମୋ ନଉକା ।




ଭାସିଯାଆ ମୋର କାଗଜଡଙ୍ଗା
ଥିରିଥିରି ନଈପାଣିରେ
ଫେରିବୁ ସାଥିରେ ଗଜମୁକୁତା
ପୋହଳା ଦ୍ୱୀପରୁ ଆଣିରେ ।




ଦିନବେଳେ ହେଲେ ଖରାର ତାତି
ଛାଇ ଦେଖି ଟିକେ ରହିବୁ
ତୁଠ ପଥରରେ ଅଟକି ଯାଇ
ସଭିଙ୍କୁ ମୋ କଥା କହିବୁ ।

ଜହ୍ନରାତି ହେଲେ ଆକାଶପରୀ
ସାଙ୍ଗସାଥିଙ୍କର ମେଳରେ
ବାହିନେବ ଅବା ଆହୁଲା ତୋର
କେତେଭଳି ଖେଳି ଖେଳରେ ।



ନୂଆ ନୂଆ ଦେଶ ବୁଲିବୁ ତୁହି
ଦେଖିବୁ କେତେ ଯେ ନଗର
ଭାସିଯାଆ ମୋର କାଗଜଡଙ୍ଗା
ଭେଟିବାକୁ ମହାସାଗର । ◆





Digitized by srujanika@gmail.com

# ଝିରିଝିରି ମୁଁ ଯେ ଝରଣା



ଝିରିଝିରି ମୁଁ ଯେ ଝରଣା
ରୂପରେ ସ୍ଫଟିକ ବରଣା ।

ପଥର ପାହାଚ ଡେଇଁକି
ଖୁସିମନେ ଯାଏ ବହିକି ।

କୁଦାମାରେ ଉଞ୍ଚ ପାହାଡୁ
ଘଞ୍ଚ ବନବୁଦା ଉହାଡୁ ।

କୁଳୁକୁଳୁ ଗାଏ ଗୀତିକା
କେତେଭଳି ତରୁ ଲତିକା ।

ଦୁଇକୂଳ ମୋର ସଜାଏ
ଫୁଲେ ଫୁଲେ ମନ ମଜାଏ ।



ଝିରିଝିରି ମୁଁ ଯେ ଝରଣା
ଶୋଭାର ନାହିଁ ମୋ କଳନା ।

ଅଙ୍କାବଙ୍କା କେତେ ଠାଣୀରେ
ବହିଯାଏ ମୋର ପାଣିରେ ।

ସେ ପାଣି ଯେ ଢେଉଢେଉକା
କେତେ ରଂଗେ ବୋହୂବୋହୂକା ।

ଚୂନାମାଛ ଖେଳେ ତହିଁରେ
ମିଶେ ମୁଁ ଯାଇକି ନଈରେ ।

ନଈ ସାଥେ ଗ୍ରାମ ନଗର
ବୁଲି, ଖୋଜିପାଏ ସାଗର ।

ଚୁଲ୍‌ବୁଲି, ଭାରି ଅରଣା
ଝିରିଝିରି ମୁଁ ଯେ ଝରଣା । ◆



Digitized by srujanika@gmail.com

# ପ୍ରଜାପତି



ଫୁଲେ ଫୁଲେ ବସି ମହୁ ପିଉଥାଏ
ନାଆଁ ମୋର ପ୍ରଜାପତି
କଳା, ଧଳା, ନାଲି ଭଳି ଭଳି ବେଶ
ରୂପେ ମନୋହର ଅତି ।

ରଂଗ ମୁରୁଜରେ ପଙ୍ଖ ସଜାହୁଏ
କେତେ ତହିଁ କୋଟିକମ
ସୁନ୍ଦରପଣରେ ସାରା ଜଗତରେ
କେହି ନୁହେଁ ମୋର ସମ ।



ମୋ' ଲାଗି କବି କବିତା ଲେଖଇ
ମୋ ଲାଗି ପିଲାଏ ଖୁସି
ମତେ ଦେଖିଦେଲେ ହସିଦିଏ କୁନି
ଯାଇଥାଏ ଯଦି ରୁଷି ।



ଜନମ ମୋହର ସଅଁବାଳୁଆରୁ
ଅଛିକି ତୁମକୁ ଜଣା ?
କେଉଁ କୁହୁକରେ ସରଜନା ସତେ
ମଖମଲୀ ମୋର ଡେଣା ।

ନିରୀହ ପତଙ୍ଗ, ପାଖୁଡ଼ାରେ ବସି
ପରାଗ ହୁଅଇ ବୋଳି
ଧରିବନି ମତେ, ନହକା ଡେଙ୍ଗରେ
ଖେଳୁଥିବି ଯେବେ ଦୋଳି । ◆




Digitized by srujanika@gmail.com

# କିଏ କେମିତି

ଟିମ୍‌ଟିମ୍    ତାରା ଜଳେ ଉଆଁସର ରାତିରେ
ରିମ୍‌ଝିମ୍    ମେଘ ଆସେ ଶ୍ରାବଣର ସାଥିରେ ।

ଖଟ୍‌ଖଟ୍    ଶବଦରେ ପିଟେ କିଏ ଦୁଆର
ଛଟ୍‌ପଟ୍    ମାଛ, ହେଲେ ପାଣିଠାରୁ ବାହାର ।



ଚଡ୍‌ଚଡ୍    ଘଡ଼ଘଡ଼ି ଆଷାଢ଼ର ଆକାଶେ
ମଡ୍‌ମଡ୍    ଗଛଡାଳ ଭାଙ୍ଗେ ଝଡ଼ ସକାଶେ ।

ରୁଣୁଝୁଣୁ    କାଚଚୁଡ଼ି ହାତେ ନୂଆବୋହୂର
ଗୁଣୁଗୁଣୁ    ମହୁମାଛି ସ୍ୱାଦ ନିଏ ମହୁର ।




Digitized by srujanika@gmail.com

ଫର୍‌ଫର୍ ବାନା ଉଡ଼େ ଦେବଦେବୀ ମନ୍ଦିରେ
ସର୍‌ସର୍ ସାପ ଚାଲେ ବଣବୁଦା କନ୍ଦିରେ ।

ଚକ୍‌ଚକ୍ ଗହଣାରେ ଶୋଭାପାଏ ରାଣୀକି !
ଫକ୍‌ଫକ୍ ବେଙ୍ଗ ଡିଏଁ ବରଷାର ପାଣିକି ।

କୁଉ କୁଉ ପିକ ଗାଏ ଗଛ ଡାଳେ ବନରେ
ହୁଁଉଁହୁଁଉଁ ପେଚା ଡାକେ, ଭୟ ଲାଗେ ମନରେ ।







କୁଡ଼୍‌କୁଡ଼୍ ଲାଗିଥାଏ ମଇଦାର ଖୁଡୁମା
ଧୁଡ଼୍‌ଧୁଡ଼୍ ଚମ ନେଇ ଶୋଇଥାଏ ବୁଢ଼ୀମା ।

ଢୋଓଢାଆ ବାଣଫୁଟେ ଦୀବାଲିର ବଜାରେ
ଘୋଓଘାଆ ପାଟିତୁଣ୍ଡ ଲୋକ ହେଲେ ହଜାରେ ।

ଝିଲ୍‌ମିଲ୍ ଝୀନଶାଢ଼ୀ ଭାରି ତା'ର କଦର
ଖିଲ୍‌ଖିଲ୍ ଶିଶୁ ହସେ କଲେ କିଏ ଆଦର । ◆



Digitized by srujanika@gmail.com

# ଆସିଗଲା ଟିପିଟିପି ବରଷା





ଆସିଗଲା ଟିପିଟିପି ବରଷା
ମାଟି ହେଲା ଓଦା, ଓଦା ସରସା
ଆକାଶରେ ମଉଛବ ମେଘର
ଭରା ନଇ ଦିଶେ ଯେହ୍ନେ ସାଗର ।

ଘଞ୍ଚ ହେଲା ତରୁଲତା ବନରେ
ଘଡ଼ଘଡ଼ି ଡାକ ବାଜେ କାନରେ
ଚାଷୀ ହୁଏ ସପନରେ ମଗନ
ଆସିଗଲା ଫସଲର ଲଗନ ।



ଚିକ୍‌ମିକ୍ ଚମକଇ ବିଜୁଳି
ପାଚିଯାଏ ଜାମୁକୋଳି, ପିଜୁଳି
ସାରୁବୁଦା ଛତି ତଳେ ମଉଜ
କରେ ସାରା ବେଙ୍ଗରଜା ଫଉଜ ।

ଦେଖିଦେଇ ପାଣି ଢେଉଢେଉକା
ଭସାଏ କେ କାଗଜର ନଉକା
ସାଧବାଣୀ ବୋହୂ ଘାସ ବାଟରେ
ଧୀରେ ଚାଲେ ପିନ୍ଧି ନାଲି ପାଟରେ ।



ଟୁକ୍‌ଟାକ୍ ପଡ଼େ କୁଆ ପଥର
ଆସିଗଲା ପରବ ଯେ ରଥର
ଚାତକ ପକ୍ଷୀଟି ପାଏ ଭରସା
ଆସିଗଲା ଟିପ୍‌ଟିପ୍ ବରଷା । ◆



Digitized by srujanika@gmail.com


# ରେଲ୍‌ଗାଡ଼ି

ରେଲ୍‌ଗାଡ଼ି ମୁଁ ଯେ ରେଲ୍‌ଗାଡ଼ି
ବଣ, ବିଲ, ବୁଦା ଯାଏ ମାଡ଼ି ।

ତୁମ ସେବା ପାଇଁ ଆଗଭର
ସବୁବେଳେ ମୁଁ ଯେ ତରତର ।

ଛୁକ୍ ଛୁକ୍ ଛୁକ୍ ଗୀତଗାଇ
କାମ କରିଥାଏ ଧାଇଁ ଧାଇଁ ।

ଷ୍ଟେସନ୍ ଆସିଲେ ଥମିଯାଏ
ଗତି ମୋର ଟିକେ କମିଯାଏ ।



କଟକ ହେଉ ବା କଲିକତା
ସବୁଠି ଚରଚା ମୋ' କଥା ।

ମୋ ବିନା ଅଚଳ ଦେଶସାରା
ପରୁଆ କରେନି ବାରିଧାରା ।

ପରୁଆ କରେନି ଖରାତାତି
ଦିନ ହେଉ ଅବା ଅଧରାତି ।

ଚାଲୁଥାଏ ମୁଁ ଯେ ଚାଲୁଥାଏ
କେତେ ନୂଆ ଜାଗା ବୁଲୁଥାଏ ।


ଚକ ମୋର ଯାଏ ଗଡ଼ିଗଡ଼ି
ରେଲ୍‌ଗାଡ଼ି ମୁଁ ଯେ ରେଲ୍‌ଗାଡ଼ି । ◆



Digitized by srujanika@gmail.com

# ରାତି ଓ ଦିନ


ରାତି ଦିନ ଦିହେଁ ଭଉଣୀଭାଇ
ଦିନ ବଡ଼ ରାତି ସାନ
ବାହାଦୂରୀ ବେଶୀ ଦେଖାଏ ଦିନ
ରାତି କରିଥାଏ ମାନ ।



ଦିନ କହେ ମୁଁ ଯେ ଜଗତେ ବଡ଼
ଉଜ୍ଜ୍ୱଳ କରଇ ଧରା
ସବୁଠାରୁ ବଡ଼ ସୂରୁଜ ଦେବ
ମଥାମଣି ମୋର ପରା ।



ମୁଁ ଆସିଗଲେ ନିଦରୁ ଉଠି
କାମରେ ଲାଗନ୍ତି ଲୋକ
ଅନ୍ଧକାରମୟ ହୁଅନ୍ତା ସିନା
ମୋ' ବିନା ଏଇ ଭୂଲୋକ ।



ଗରମରେ ଶୋଷି ସାଗର ଜଳ
ଉଡ଼ାଇ ନିଏ ମୁଁ ନଭେ
ମେଘ ହୋଇ ଯେବେ ବରଷେ ସିଏ
ଫସଲ ହସଇ ତେବେ ।



ପଉଷ ମାସର ଅସଲ ଶୀତେ
ମଣିଷକୁ ଦିଏ ତାତି
ପୃଥିବୀ ଅଚଳ ନଥିଲେ ଦିନ
କି କରିବ ଖାଲି ରାତି ?



Digitized by srujanika@gmail.com

ଗୁଣ କିଛି ମୋର କଅମ ନୁହେଁ
ରାତି କହିଦେଲା ହସି
କୋଳେ ମୋର ଆସି ଖେଳଇ ନିତି
ଦୂର ଗଗନର ଶଶୀ ।




ଜୋଛନାର ଢେଉ ଛୁଟାଏ ମୁହିଁ
ପାହାଡ଼ ଓ ବନବିଲ
ତାକୁ ଦେଖି କବି କବିତା ଲେଖେ
ଆଖି ମେଲେ କଇଁଫୁଲ ।

ଡାଳିକି କାକର ମୁକ୍ତାମାଳା
ସାଜିଦିଏ ଦୂବଘାସ
ତାରାର ରୋଷଣୀ ଟିମ୍‌ଟିମାଟିମ୍
ଜାଳୁଥାଏ ବାରମାସ ।



ସବୁରି ନୟନେ ଭରଇ ନିଦ
ପଡ଼େ ଯେ ହାଲିଆ ହୋଇ
ପହଞ୍ଚିଗଲେ ମୁଁ ପକାଇ ଶେଯ
ଆରାମରେ ଯାଏ ଶୋଇ ।



ରାତି କଥା ଶୁଣି ଲାଜରେ ଦିନ
ତଳକୁ ପୋତିଲା ମୁହଁ
ଦୁହେଁ ନଥିଲେ କି ଜଗତ କେବେ
ସୁନ୍ଦର ହେଲାଣି କୁହ ? ◆





Digitized by srujanika@gmail.com

# ଶରତ

ଆସିଛି ଶରତ ଆଜି
କାଶଫୁଲ ହାସରେ
ଚହଟାଇ ଚଉଦିଗ
ଶିଉଳିର ବାସରେ ।

ବରଷା ଯାଇଛି ସରି
ଖରା ହେଲା ନରମ
ଶରୀର ଆରାମ ଭାରି
ଚାଲିଗଲା ଗରମ ।





ନୀର ହେଲା କାଚକେନ୍ଦୁ
ସରସୀର ଛାତିରେ
ଖେଳେ ଯହିଁ କଇଁ ଫୁଲ
ତୋଫା ଜହ୍ନରାତିରେ ।


ଗଗନର ରଂଗ ହେଲା
ଘନନୀଳ ବରଣ
ମାଳତୀର ଲତା କଲା
ଫୁଲକଢ଼ ଧାରଣ ।



Digitized by srujanika@gmail.com

ପଟୁଆର ଆକାଶରେ
ଧଳା ଧଳା ମେଘର
ନିରିମଳ ଦିଶିଲାଣି
ନଦୀ, ହ୍ରଦ, ସାଗର ।





କୁମାରୀଏ ତୋଳିଲେଣି
ଜହ୍ନିଫୁଲ ପାଖୁଡ଼ା
ବାଢ଼ିଲେଣି ଚାନ୍ଦପୂଜା
ପାଇଁ ଖଇ ଉଖୁଡ଼ା ।





ଆସିଲାଣି ଦଶହରା
ବାଜିଲାଣି ବାଜଣା
ଧୂପଦୀପ ଅଗୁରୁରେ
ଦେବୀଙ୍କର ମାଜଣା ।

ଧରଣୀରେ ମାୟାଜାଲ
କରିଯାଏ ରଚନା
କୁଆଁର ପୂନେଇଁ ଜହ୍ନ
ମଖମଲୀ ଜୋଛନା । ◆



Digitized by srujanika@gmail.com

# ଯାହାକୁ ଯିଏ



ପାଣିକୁ ଲହରୀ ଗଛକୁ ଡାଳ
ଅଙ୍ଗୁଳିକୁ ମୁଦି, ମଥାକୁ ବାଳ ।
ପାଦକୁ ଅଳତା, କପାଳେ ଟିପ
ଉଆଁସ ରାତିକୁ ଜଳନ୍ତା ଦୀପ ।

ଫୁଲକୁ ପରାଗ, ବିଲକୁ ଧାନ
ତିଅଣକୁ ଲୁଣ, କଥାକୁ ରାଣ
କାକରା ପିଠାକୁ ଛେନାର ପୂର
ନନ୍ଦନନ୍ଦନଙ୍କୁ ମୟୂର ଚୂଳ ।



ଚାଉଳ କ୍ଷିରୀକୁ କର୍ପୂର ବାସ
ସବୁଜ ଶାଖାକୁ କୁସୁମ ହାସ ।
ଶୀତକୁ କମ୍ବଳ, ଖରାକୁ ଛତା
ଛପର ଚାଳକୁ ବାଉଁଶ ବତା ।

ଖଟକୁ ବିଛଣା, ଧୋତିକୁ ଧଡ଼ି
ସିଲଟ ଲେଖାକୁ ଚଅକ ଖଡ଼ି ।
ପୋଖରୀକୁ ମାଛ, ପାନକୁ ଗୁଆ
କୋଳକୁ ଡଉଲ କଅଁଳା ଛୁଆ । ◆



Digitized by srujanika@gmail.com

# ଆଜି ଯେ ମାସର ପହିଲା



ଆଜି ଯେ ମାସର ପହିଲା
ଆଠ ବରଷର ସାନ ଭାଇ ମୋର
ଚୁପିଚୁପି କାନେ କହିଲା ।

ଦରମା ପାଇଚ ନୂଆ ଜାମା ହଳେ
ଆଣିଦବ ଆଜି ବାପା ହେ
ନହେଲେ ଜାଣିଥା, ରୁଷିକି ଶୋଇବି
କହି ମୁଁ ରଖିଲି ସଫା ହେ ।



ବାରି ଅଗଣାରେ ସାଙ୍ଗସାଥି ମେଳେ
ନାନୀ ଖେଳୁଥିଲା କଉଡ଼ି
ମୋ ଲାଗି ଆଣିବ ବୁନ୍ଦିଆ ମିଠେଇ
କହିଲା ଆସିକି ଦଉଡ଼ି ।

ବୋଉ ପଚାରିଲା ଯିବ କି ଏଇଲେ
ଗାଆଁମୁଣ୍ଡ ବଡ଼ ହାଟକୁ ?
ଚପଲ୍ ହଳିଏ ଆଣିବ ପିନ୍ଧିବି
ବାହାରିଲେ ବାଟଘାଟକୁ ।



Digitized by srujanika@gmail.com

ପୁଷମାସ ଶୀତ ଦେହରେ ଯାଉନି
ଜେଜେବାପା ଡାକି କହିଲେ
ଚିକଣ ଦେଖିକି ଚାଦର ଖଣ୍ଡିଏ
ମୋ ଲାଗି କିଣିବୁ ପହିଲେ ।

ଜେଜେମାଆ କହେ ଲୁଗା ଚିରିଲାଣି
ପାଇଲେ ଧୋବଲା ବସ୍ତା
ଆଣିବୁ ବାବୁରେ, ବେଶୀ ଦାମୀ ନୁହେଁ
ହୋଇଥିବ ଯଦି ଶସ୍ତା ।





ପଚାରିଲେ ବାପା - ପହିଲାରେ କୁନି
କରିବ ନାହିଁକି ମଉଜ ?
କହିଲି - ବାପା ମଁ ! ପାଦରେ ଚାଲିକି
ନିଇତି ଅଫିସ୍ ଯାଉଚ ।

ବାକି ଚିଜଥାଉ, ସାଇକଲ୍‌ଟିଏ
କିଣିନିଅ ତମ ପାଇଁକି
ନିଜ ପାଇଁ ମୋର କିଛି ଲୋଡ଼ା ନାହିଁ
କଅଣ ବା ମୋର ନାହିଁକି ? ◆



Digitized by srujanika@gmail.com

# ସେଇ ଆମରି ଗାଁ



ପାହାଡ଼ ତଳେ ନଈଟି ଯହିଁ
ବହଇ ଝିରିଝିରି
ବାଉଁଶଗଛ ପତରେ ଛୁଟେ
ପବନ ସିରିସିରି ।



ମୁରୁଜପକା ଚଉରାମୂଳେ
ବୁଢ଼ୀମା ଦିଏ ଦୀପ
ମନ୍ଦିରବେଢ଼ା ମହକି ଯାଏ
ଜଳିଲେ ସଞ୍ଜେ ଧୂପ ।



ମନ ମଉଜେ ଆହୁଲା ଧରି
ନାଉରୀ ବାହେ ନାଆ
ସବୁଜ ଘନ କାନନ ଘେରା
ସେଇ ଆମରି ଗାଁ ।



Digitized by srujanika@gmail.com

ଉଡ଼ାଇ ଧୂଳି ଗାଈର ଗୋଠ
ଆସଇ ସଞ୍ଜେ ଫେରି
ପରବ ଦିନେ ଯାତରା ହୁଏ
ବାଜଇ ତୂରୀ, ଭେରୀ ।



ପୋଖରୀ ଜଳେ ମୁର୍କି ହସେ
ତଟକା ନାଲି କଇଁ
ଲକ୍‌ଲକିଆ ଧାନ୍‌ର କେଣ୍ଡା
କ୍ଷେତରେ ଯାଏ ନଇଁ ।





ପଣସ, ତାଳ, ଟାକୁଣ୍ଡା ଯହିଁ
ବିଛାଇ ଦିଏ ଛାୟା
ଗେରୁମାଟିର ରଙ୍ଗରେ ସଜା
ସେଇ ଆମରି ଗାଁ । ◆




Digitized by srujanika@gmail.com

# ସଜଫୁଲ

ଡେମ୍ଫରେ ଝୁଲି ଖେଳଇ ଦୋଳି
ନାଆଁ ମୋ ସଜଫୁଲ
ରୂପରେ ଅବା ଗୁଣରେ କେହି
ନୁହେଁ ମୋ ସମତୁଲ ।
ଟଗର, ମଲ୍ଲୀ, ମାଳତୀ, ଚମ୍ପା
କରବୀ, କଇଁ, କିଆ
ଭଲିଭଲିକା ଚେହେରା ମୋର
ଭଲିଭଲିକା ନାଆଁ ।






ଫୁଟିଲେ ମୁହଁ ବଗିଚା ହସେ
କବିତା ଲେଖେ କବି
ଦେଖିଲେ ଥରେ ପାଶୋର ନୁହେଁ
ମନରୁ ମୋର ଛବି ।
ଛାତିରେ ମୋର ପରାଗରେଣୁ
ଛାତିରେ ମୋର ମହୁ
ତୋଳିକି ମତେ ବେଣୀରେ ଖଞ୍ଜେ
ସରାଗେ ନୂଆବୋହୂ ।



Digitized by srujanika@gmail.com

ଗଜରା ଗୁନ୍ଥି ଦିଅଁଙ୍କ ପାଶେ
ଚଢ଼ାଏ ଅବା କେହି
ଦେହରୁ ମୋର ମଧୁର ବାସ
ପବନେ ଯାଏ ବହି ।
ପରଜାପତି, ଭଅଁର ଦିହେଁ
ଜାଣିଥା ମୋର ମିତ
ଶରଧା କରି ପାଖକୁ ଆସି
ଗାଆନ୍ତି କେତେ ଗୀତ ।





ହଳଦୀ, ନୀଳ ପାଖୁଡ଼ାରେ ମୋ
କେତେ ଯେ କୋଟିକମ
ମୋ ବିନା କହ ପୃଥିବୀ କେବେ
ହୁଅନ୍ତା ମନୋରମ ? ◆




Digitized by srujanika@gmail.com

# ଦୀପାବଳି

ଟିମ୍‌ଟିମ୍ ଦୀପ ନେଇ ଦୀପାବଳି ଆସିଲା
ଝିଲ୍‌ମିଲ୍ ରୋଷଣୀରେ ରାତିରାଣୀ ହସିଲା
ଉଆଁସ ଅନ୍ଧାର ଗଲା, ଆଲୋକିତ ମରତ
ରଖେ ଆଜି କିଏ ପୁଣି କାଳୀପୂଜା ବରତ ।



ଚିକ୍‌ମିକ୍ ଫୁଲଝରି ଚମକଇ ଅନ୍ଧାରେ
ବାଣ ଫୁଟେ ଅଗଣାରେ, ବାଣ ଫୁଟେ ପଦାରେ
ଆକାଶକୁ ଉଡ଼ିଯାଏ ଭଳି ଭଳି ହାବେଳି
ବରଷକେ ଥରେ ଆସେ ଦାଉଦାଉ ଦୀବାଲି ।



ନାଲି, ନେଳି ବତୀ ସାଥେ ସଜାହୁଏ ବଜାର
ଖୁସିର ପରବ ଆଜି ପରବ ଯେ ମଜାର
ଦୋକାନର ପସରାରେ କେତେଜାତି ମିଠେଇ
କିଣି ଖାଏ ଖୁସିମନେ ପଥଚଲା ବାଟୋଇ ।

ଚଉଦିଗେ ଅସୁମାରି ଫୋଟକାର ଶବଦ
ଢୋଓ ଢାଆ ଆବାଜରେ କାନ ହୁଏ ତବଦ
ବାରୁଦର ଗନ୍ଧ ଯେତେ ପବନରେ ଭାସିଲା
ଟିମ୍‌ଟିମ୍ ଦୀପ ନେଇ ଦୀପାବଳି ଆସିଲା । ◆



Digitized by srujanika@gmail.com

# ନାଲି

ନାଲି ଦିଶେ କନ୍ଦମୂଳ    ନାଲି ଦିଶେ କାଇଁଚ
ଟୁକ୍‌ଟୁକ୍ ନାଲି ଦିଶେ    ପାଚିଗଲେ ଭଇଁଚ ।

ନାଲି ନେତ ଫରଫର    ଉଡ଼େ ଶିବ ମନ୍ଦିରେ
ନାଲିଆ ସାଧବ ବୋହୂ    ଚାଲେ ଘାସ କନ୍ଦିରେ ।



ବୋଉର କପାଳେ ନାଲି    ଧଧଧ ଏ ସିନ୍ଦୂର
ନାଲିଆ ଚମକ କେଡ଼େ    କୁଙ୍କୁମ ବିନ୍ଦୁର ।

ଟକ୍‌ଟକ୍ ନାଲି ଅଟେ    ମଣିଷର ରକତ
ନାଲି ଲଙ୍କା ହେଲେ ମୋର    ଉଠିଯାଏ ବକତ ।



Digitized by srujanika@gmail.com

ନାଲି ନାଲି ଓଠେ ଶିଶୁ ହସେ ଭାରି ମଧୁର
ନାଲିଆ ଅଳତା ଶୋହେ ପାଦେ ନବବଧୂର ।

ନାଲିଆ ମନ୍ଦାର ଫୁଲ ନାଲି ପୁଣି ଅଶୋକ
କଇଁ ଖେଳେ ନୀଳ ଜଳେ ପିନ୍ଧି ନାଲି ପୋଷାକ ।



ପଳାଶର ନାଲି ଦେଖି ଗୀତ ଛୁଟେ କବିର
କୁକୁଡ଼ାର ଚୂଳ ନାଲି ନାଲି ପୁଣି ଅବିର ।


ବାପାଙ୍କର ନାଲି ଆଖି ଦେଖିଲେ ମୁଁ ଛାନିଆ
ନାଲିଆ ପୋହଳା ଖଞ୍ଜି ମୁଦି କରେ ବଣିଆ ।

ଓଠ ପଡ଼ିଥାଏ ନାଲି ଖଲିପାନ ସକାଶେ
ଗୋଧୂଳିରେ ରବି ଛବି ନାଲି ଦିଶେ ଆକାଶେ । ◆



Digitized by srujanika@gmail.com

# ଆସିଗଲା ବଇଶାଖ



ଆସିଗଲା ବଇଶାଖ, ଟାଣ ହେଲା ଖରା
ରହି ରହି ଝାନ୍‌ଜି ପିଟେ ଦିପହର ସାରା ।
ନୁଆଁଣିଆ ଡାଳେ ଡାଳେ ଆମ୍ବ ପଡ଼େ ନାଲି
ଶୁଖିଯାଏ ନଈ, ନାଳ ଦିଶିଯାଏ ବାଲି ।

ଆଖୁରସ, ପଣାପାଣି ପିଇବାକୁ ମନ
ସୁଦୂର ପାହାଡ଼ ତଳେ ପୋଡ଼ିଯାଏ ବନ ।
ପଣସ ଓ ଫୁଟି ପାଚେ, ପାଚିଯାଏ ତାଳ
ବରଷକେ ଥରେ ଆସେ ଗିରୀଷମ କାଳ ।



ଦରଦର ଝାଳ ବହେ, ଫାଟିଯାଏ ମାଟି
ମଲ୍ଲୀଫୁଲ ବାସ ଛୁଟେ ଆସିଗଲେ ରାତି ।
ନିଆଁଝୁଲ ସରି ଲାଗେ ସୂରୁଜ କିରଣ
ହାଲିଆ ମଣିଷ ଖୋଜେ ଛାଇର ଶରଣ ।

ସାରାଦିନ ପାଇ ପାଇ ନିଦାଘର ତାପ
ସାଗରର ନୀଳପାଣି ହୋଇଯାଏ ବାମ୍ଫ ।
ସେଇ ବାମ୍ଫ ମେଘ ହୋଇ ଆସଇ ଶ୍ରାବଣେ
ଝରିବାକୁ ଝିରିଝିରି ପ୍ରାନ୍ତରେ ଓ ବନେ । ◆



Digitized by srujanika@gmail.com

# ସୋନୁର ସପନ




ଧୋ'ରେ ବାଇଆ ଧୋ'
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେଇ କିଆରୀରେ ଶୋ'।
ବାଇଆ ଶୋଇଛି ମାଣ୍ଡିଆ କ୍ଷେତରେ
ସୋନୁ ଶୋଇଅଛି ଶେଯେ
ମଥାକୁ ଆଉଁସି କଅଁଳ କଣ୍ଠରେ
ଗୀତ ଗାଉଛନ୍ତି ଜେଜେ।




ସୋନୁ ଦେଖେ ଶୋଇ ସୁନେଲୀ ସପନ
ପରୀ ରାଇଜର କଥା
ପକ୍ଷୀରାଜେ ବସି ଯାଉଛି ଉଡ଼ି ସେ
ମୁକୁଟେ ସଜାଇ ମଥା।
ନେଲି ଆକାଶର ଚାନ୍ଦୁଆ ସେପଟେ
ମଣିମାଣିକର ଦେଶ
ସୋନୁ ଯାଏ ଉଡ଼ି ପରୀ ଝିଅ ସାଥେ
ପିନ୍ଧି ଜରିଲଗା ବେଶ।



Digitized by srujanika@gmail.com



ମାଣିକ ଦେଶରେ ହୀରାଫୁଲ ଫୁଟେ
ନହକା ଗଛର ଡାଳେ
ରୂପା ଝରଣାର ପାଣି ବହିଯାଏ
ଥିରକ୍ ଥିରକ୍ ତାଳେ ।
ପରୀ କୁଆଁରୀର ହାତ ଧରି ସୋନୁ
ଖେଳେ ସେଠି କେତେ ଖେଳ
ଫୁଲର ଦୋଳିରେ ନିଦଯାଏ ପୁଣି
ବୁଡ଼ିଯାଏ ଯେବେ ବେଳ ।



ସୋନୁ ଯାଏ ତହୁଁ ମେଘ ଦେଶେ ଉଡ଼ି
ବଉଦ ବିମାନେ ବସି
ବାଦଲ ସାଥିରେ ଲୁଚକାଳି ଖେଳେ
ଯେଉଁଠି ସରଗ ଶଶୀ ।
ଝିରି ଝିରି ତହିଁ ବରଷେ ବାଦଲ
ନାଚଇ ବିଜୁଳି ରାଣୀ
ଖିଲି ଖିଲି ହସି ତାଳିମାରେ ସୋନୁ
ଦେଖି ସେ ନାଚର ଠାଣି ।



ରାତି ପାହିଯାଏ ସପନେ ସପନେ
ଆଖି ଖୋଲେ ଯେବେ ସୋନୁ
ମାଆ ଡାକୁଥାନ୍ତି ଉଠ ଧନମାଳୀ
ଉଦୟ ହେଲେଣି ଭାନୁ । ◆



Digitized by srujanika@gmail.com

# ରଙ୍ଗ



ଫିକା ନୀଳ ରଙ୍ଗ ଜମେ ଶରତର ଆକାଶେ
କାହ୍ନୁ ନାମ ନୀଳମଣି ନୀଳ ଦେହ ସକାଶେ ।

ନାଲି ଆଭା ଚହଟଇ ଗୋଧୂଳିରେ ରବିର
ହୋଲି ଖେଳ ମଜା ଜମେ ଥିଲେ ନାଲି ଅବିର ।

ହଳଦିଆ ଗେଣ୍ଡୁଫୁଲ, ହଳଦିଆ ସେବତୀ
ପାଚିଗଲେ ଫଳ ଜାଣ ହଳଦିଆ ହବଟି ।

ହଂସ ଧଳା, ବଗ ଧଳା, ଧଳା ପୁଣି ବତକ
ଧଳା ଦିଶେ ମଲ୍ଲୀଗଛେ ଫୁଲ ଫୁଟେ ଯେତକ ।



ଚିକ୍‌ଚିକ୍ କଳାକେଶେ ଭଲ ଦିଶେ ଗଜରା
କଳା ଆଖି କଜ୍ଜଳର ଗାରେ ହୁଏ ସଜଡ଼ା ।



ଗୋଲାପି ଗୋଲାପ ଫୁଲ, ସରସିଜ, କୁମୁଦ
ଗୋଲାପି ଓଠରେ ହସି ଶିଶୁ ଦିଏ ଆମୋଦ ।

ସବୁଜ ପିଜୁଳି, ଆମ୍ବ କଷିବେଳେ ଡାଳରେ
ସବୁଜ ବନର ଶୋଭା, ବରଷାର କାଳରେ । ◆



Digitized by srujanika@gmail.com

# ଭଲ ପିଲା କିଏ ?



ଭଲ ପିଲା ଯିଏ କହେନି ମିଛ
ଭାତ ଖାଇଦିଏ ଜଂଜାଳ ନକରି
ବାଢ଼ିଦେଲେ ମାଆ ଶାଗ ବା ମାଛ ।

ଭଲ ପିଲା ନିତି ପଢ଼ଇ ପାଠ
ବହି, ବସ୍ତାନୀ ସାଇତି ରଖଇ
ଗୁରୁ କହିଥାନ୍ତି 'ଉତ୍ତମ ଚାଟ' ।





ଭଲ ପିଲା ଯିଏ ଶୁଣଇ କଥା
ଗୁରୁଜନଙ୍କର, ପ୍ରଣାମ କରଇ
ପିତାମାତାଙ୍କୁ ସେ ନୁଆଁଇ ମଥା ।

ଭଲ ପିଲା ନିତି ଦିଅଁଙ୍କ ଘରେ
ସଞ୍ଜ ଆସିଗଲେ ସ୍ତବ ବୋଲିଥାଏ
ଯୋଡ଼ହାତ ହୋଇ ଭକତି ଭରେ ।



ଭଲ ପିଲା ରଖେ ଦେହକୁ ସଫା
ଜାମାପଟା ତାର ଧୋବ ଫରଫର
ନୁହଁନ୍ତି କେହି ତା ଉପରେ ଖଫା ।

ଭଲ ପିଲା କହେ ମଧୁର ବାଣୀ
ସ୍ୱଭାବେ ସୁନ୍ଦର, ପାଏ ସେ ଆଦର
ଗୁଣରେ ନିଏ ସେ ସଭିଙ୍କୁ ଜିଣି । ◆




Digitized by srujanika@gmail.com

# ହସ

ସରଗରେ ଶଶୀ ହସେ	କଢ଼ ହସେ ଶାଖାରେ
ଲହରୀ ସାଗର କୋଳେ	ହସେ କେତେ ପ୍ରକାରେ ।

ଫଗୁଣରେ ଅଳି ହସେ	ଆମ୍ବଗଛ ମୁକ୍ତୁଳେ
କମଳର କଢ଼ି ହସେ	ସବୁଦିନ ସକାଳେ ।

କଳକଳ ହସୁଥାଏ	ଚୁଲ୍‌ବୁଲି ଝରଣା
ରାତି ହସେ ଚିକିମିକି	ପିନ୍ଧି ତାରା ଗହଣା ।



ଖିଲ୍‌ଖିଲ୍ ଫୁଲ ହସେ	ପତରର ଉହାଡ଼େ
ଝିରିଝିରି ହସେ ବାଆ	କାନନେ ଓ ପାହାଡ଼େ ।


ପୂନେଇଁର ଜହ୍ନ ହସେ	ଢାଳିଦେଇ ଜୋଛନା
ହସିଦେଲେ ମୁହଁ ତୋରା	ଦୂରେ ଯାଏ ଶୋଚନା ।

ହସି ହସି ଦିନକାଟ	ବେଳ ଯିବ ବିତିରେ
ହସି ହସି ଜଗତରେ	ପ୍ରୀତି ଯାଅ ବାଣ୍ଟିରେ । ◆



Digitized by srujanika@gmail.com

# ଅଗଷ୍ଟ ପନ୍ଦର




ଅଗଷ୍ଟ ପନ୍ଦର ଆଜି ଆକାଶର ଛାତିରେ
ତ୍ରିରଂଗ ପତାକା ଉଡ଼େ ସମୀରଣ ସାଥିରେ
ଜନଗଣ ଗୀତିକା
ବାଜଇ କାନରେ ଆସି
ଭେଦି ବନ ବୀଥିକା ।

ଏ ଦେଶର ଧାନକେଣ୍ଡା ରୂପ ନିଏ ଲହୁରେ
ଏ ଦେଶରେ ଫୁଲ ଫୁଟେ ଜୁଡୁବୁଡୁ ମହୁରେ
ଏ ଦେଶର ଝରଣା
କୁଳୁକୁଳୁ ଗୀତଗାଏ
ସେୟେ ନୀଳ ବରଣା ।



Digitized by srujanika@gmail.com

ଆକୁମାରୀ ହିମାଚଳ ସାଜେ ନବ ବେଶରେ
ପ୍ରିୟ ମୋ ଜନମଭୂଇଁ, ପ୍ରିୟ ମୋର ଦେଶରେ
ପ୍ରିୟ ତାର ଗଗନ
ପ୍ରିୟ ତା ପବନପାଣି
ପ୍ରିୟ ଏଇ ଲଗନ ।



ଆସ ଆଜି ଆମେ ଯେତେ ବଙ୍ଗାଳୀ ବା ବିହାରୀ
ଗୁଜୁରାଟୀ, ମରହଟ୍ଟୀ, ଗ୍ରାମବାସୀ, ସହରୀ
ଏକାସାଥେ ମିଶିରେ
ଭାରତ ମାତାର ଜୟ
ଗାଇଯିବା ଖୁସିରେ । ◆



Digitized by srujanika@gmail.com

# ପ୍ରାର୍ଥନା



ଆହେ ଦୟାମୟ ବିଶ୍ୱବିହାରୀ
ତୁମ ପାଦତଳେ ମୋର ଗୁହାରି ।

ମନ୍ଦ ବୁଦ୍ଧିରୁ ହେବି ଯେ ବିରତ
ମନେ ରଖିବି ତୁମକୁ ନିରତ ।

ସଦା ଗୁରୁଜନ କଥା ମାନିବି
ତାଙ୍କ ଉପଦେଶ ଯେତେ ଘେନିବି ।



ପାଠ ପଢ଼ିବି କରିକି ଯତନ
ମୋର ଲୋଡ଼ା ନାହିଁ ଧନରତନ ।



ପିଠାପଣା ହେଲେ କେଉଁ ତିଥିରେ
ବାଣ୍ଟି ଖାଇବି ସଭିଙ୍କ ସାଥିରେ ।

ଭଲ ପାଇବାକୁ ସାଥି ବାଳକ
ମୋର ମନେରହୁ କାଳକାଳକ ।



Digitized by srujanika@gmail.com

ଲୋଭ ନ ହେଉ ମୋ ପରଧନରେ
ହିଂସା, ଦ୍ୱେଷ ବି ନ ଆସୁ ମନରେ ।

ଦୁଃଖୀ, ରଙ୍କିଙ୍କୁ ମୁଠିଏ ଭୋଜନ
ଦେଇ କରିବି ତୁମ୍ଭଙ୍କୁ ଭଜନ ।

ଡରିବିନି କେବେ ହେଲେ କାହାକୁ
ମୋର ପ୍ରଣିପାତ ଚଢ଼ବାହାକୁ ।




ପଶୁ, ପକ୍ଷୀ, ତରୁଲତା, ବିହଗ
ସଜଫୁଲ ଡାଳେ ଯିଏ ମହକ ।

ସବୁ ପରା ତୁମ ହାତ ତିଆରି
ଆହେ ଦୟାମୟ ବିଶ୍ୱ ବିହାରୀ । ◆



Digitized by srujanika@gmail.com

# ନଈପାଣି ନଈକି ଯାଆ



ନଈପାଣି ନଈକି ଯାଆ
କୂଅପାଣି ଯା କୂଅକୁ
ସକାଳୁ ଉଠି ପହିଲି କାମ
ପାଣିରେ ଧୁଅ ମୁହଁକୁ ।

ତୋରା ମୁହଁଟି ସେନେହ ପାଏ
ପାଏ ସବୁଠି ଆଦର
ସଫାସୁତୁରା ମଣିଷଟିର
ସଭିଙ୍କ ପାଖେ କଦର ।

ନଈପାଣି ନଈକି ଯାଆ
ତୁଆପାଣି ଯା ତୁଆକୁ
ତୁଆରେ ବଢ଼େ ମାଗୁର ମାଛ
ଦିଅ କାଳିଆ ଭୁଆକୁ ।

ପଶୁପକ୍ଷୀଙ୍କୁ ଶରଧା କର
ଢଳକୁ ଢାଳ ଗଛରେ
ଗଛ କାଟିଲେ ସବୁଜ ଧରା
ଧୂସର ହେବ ପଛରେ ।

ନଈପାଣି ନଈକି ଯାଆ
ଝରପାଣି ଯା ଝରକୁ
ସେନେହ ବାଣ୍ଟ ଜଗତସାରା
ଆପଣା କର ପରକୁ ।

ମଧୁର କଥା କହିବା ପାଇଁ
ପଡ଼େନି କିଛି ଖରଚ
ଟାଣୁଆ କଥା ଦେହକୁ ଲାଗେ
ସତେ ବା ଲଙ୍କାମରିଚ । ◆




Digitized by srujanika@gmail.com


# ଠେକୁଆ

ଗୋଲ୍‌ଗୋଲ୍ ଢଳଢଳ    ନୟନ ଦୁଇ
ଖପ୍‌ଖାପ୍ ବଣବୁଦା    ଯାଏ ମୁଁ ଡେଇଁ ।

ତୁଲ୍‌ତୁଲ୍ କୁନି ଲାଞ୍ଜ    ବିରାଟ କାନ
ରୂପରେ ଡଉଲ ଭାରି    ଯଦି ବା ସାନ ।

ମାଟି ତଳେ ଗାତ ଖୋଳି    ନିଦ ମୁଁ ଯାଏ
ଲୋମଶ ଦେହ ମୋ ତୁଳା    କଣ୍ଢେଇ ପ୍ରାୟେ ।





ଦଉଡରେ ପାରଙ୍ଗମ    ପ୍ରଖର ଗତି
ପଛ ଦୁଇ ଗୋଡ଼ ମୋର    ସବଳ ଅତି ।

ଭାରି ମୁଁ ନିରୀହ ପ୍ରାଣୀ    ରଙ୍ଗରେ ଧୋବ
କଅଁଳ ମୋ ମାଉଁସକୁ    ପଶୁଙ୍କ ଲୋଭ ।

ନିରାମିଷ ଆହାର ମୋ    କାନନେ ବାସ
ଖାଏ ନବ ବିଶଳୟ    ସବୁଜ ଘାସ ।

ପୋଷା ମାନେ, ଘରେ ରହେ    ଚଗଲା ନୁହେଁ
ଠେକୁଆ ମୁଁ ଆଜି ମୋର    କାହାଣୀ କୁହେ । ◆





Digitized by srujanika@gmail.com

# ଗଣି ଶିଖିଲା ମାନୁ

ଏକ୍ ଗଣ ଏକ୍
ଏକ୍ ଜହ୍ନ ଜୋଛନା ଢାଳେ ଦେଖ୍ ଭାଇ ଦେଖ ।

ଏକ୍ ପରେ ଦୁଇ
ଦୁଇ ହାତରେ ଜେଜେମାଆକୁ ଦେଇଛି ମାନୁ ଛୁଇଁ ।





ଦୁଇ ପରେ ତିନ୍
ତିନି ତାଳରେ ନାଚଇ ନିନା ତାକ୍ ଧିନାଧିନ୍ ଧିନ୍ ।

ତିନ୍ ପରେ ଚାର୍
ଚାରିଗୋଡ଼ିଆ କୁକୁର ଭୁକେ ରାତିରେ ବାରମ୍ବାର ।




Digitized by srujanika@gmail.com

ଚାର୍ ପରେ ପାଞ୍ଚ୍
ପଞ୍ଚୁପାଣ୍ଡବ ତାମ୍‌ସା ଯିବା ଖୁସିରେ ଏବେ ନାଚ୍ ।

ପାଞ୍ଚ ପରେ ଛଅ
ଛଅ ଋତୁର ନାଆଁ କିଏ ସେ ଜାଣିଛ ମତେ କହ ।

ଛଅ ପରେ ସାତ୍
ସାତଟି ମହାଦେଶର ନାମ କହ ତ ସାଥେସାଥ୍ ।





ସାତ୍ ପରେ ଆଠ୍
ପ୍ରଥମାଷ୍ଟମୀ ପିଠା ପାଇଁକି ଚାଉଳ ତକ ବାଟ୍ ।

ଆଠ୍ ପରେ ନଅ
ନବଗ୍ରହଙ୍କ ପୂଜା ଚାଲିଛି ଥିଇବ୍ ହେଇ ବଅ ।

ନଅ ପରେ ଦଶ୍
ଦଶ ଆଙ୍ଗୁଠି କରଇ କାମ ସାବ୍ବାସ୍ ସାବ୍ବାସ୍ । ◆



Digitized by srujanika@gmail.com

# ଆମ ପୁଷି ବିଲେଇ


ଆମ ପୁଷି ବିଲେଇ
ଭାରି ସିଏ ଓଲେଇ ।

ଖାଏ ମାଛ ମହୁର
ଭାଗ ନୂଆ ବୋହୂର ।

ପଶି ରନ୍ଧାଶାଳରେ
କେଉଁ ଏକ ଆଳରେ ।

ନୂଆବୋହୂ ମାଇଲେ
ବାଡ଼ି ଖଣ୍ଡେ ଧଇଲେ ।

ସେଠୁ ଯାଏ ପଳେଇ
ଆମ ପୁଷି ବିଲେଇ ।



ଆମ ପୁଷି ବିଲେଇ
ଭାରି ସିଏ ଗେହ୍ଲେଇ ।

ନାଆଁ ତାର ଖଇରୀ
ମୂଷାଙ୍କର ବଇରୀ ।

ଦେହରଙ୍ଗ ମାଟିଆ
ଶରୀରରେ ଛୋଟିଆ ।

କ୍ଷୀର ଭାତ ଖାଏ ସେ
ଗାଆଁ ବୁଲି ଯାଏ ସେ ।

ଲମ୍ବ ଲାଞ୍ଜ ହଲେଇ
ଆମ ପୁଷି ବିଲେଇ । ◆



Digitized by srujanika@gmail.com

# କୁନି ଭାଇ



କୁନି ଭାଇ ମୋର କୁନି ଭାଇ
ଖେଳୁଥାଏ ଗୀତ ଗାଇ ଗାଇ
ଗୋଲ୍ ଗୋଲ୍ ଦୁଇ ନୀଳ ଆଖି
ହାତରେ ତାର ମୁଁ ବାନ୍ଧେ ରାକ୍ଷୀ ।

କୁନି ଭାଇ ମୋର କୁନି ଭାଇ
କ୍ଷୀର ଦେଲେ କହେ ନାହିଁ ନାହିଁ
ଭାରି ଅଝଟିଆ, ଭାରି ଜିଦି
ମଥାରେ ଲଗାଏ କଳା ବିନ୍ଦି ।



କୁନି ଭାଇ ମୋର କୁନି ଭାଇ
ସକାଳୁ ସକାଳୁ ମାରେ ହାଇ
ଦିନଯାକ ଶୁଏ ସାରାବେଳ
ରାତି ହେଲେ ତାର କେତେ ଖେଳ ।

କୁନି ଭାଇ ମୋର କୁନି ଭାଇ
ଦେଖିଦେଲେ ଡରେ ନିଜ ଛାଇ ।
ଗୋରା ଗୋରା ଗାଲ, ନାଲି ଓଠ
ତାକୁ ଦେଖି ମନ କୁଣ୍ଢେ ମୋଟ । ◆



Digitized by srujanika@gmail.com

# ହରିଣର ଶିଙ୍ଘ



ଝରଣାଟି ବହିଯାଏ  ଅଙ୍କା ବଙ୍କା ଠାଣିରେ
ହରିଣଟି ନିଜଛବି  ଦେଖେ ତାର ପାଣିରେ ।
ଭାବେ କେଡ଼େ ମନୋହର  ଶିଙ୍ଘ ମୋର ମୁଣ୍ଡର
ସତେ ଅବା ଡାଳବାଲା  ଗଛଟିଏ କୁଣ୍ଡର ।
ହେଲେ ମୋର ଗୋଡ଼ଯାକ  ଅବାଗିଆ, ସରୁଆ
ମୋଟାସୋଟା ହେଇଥିଲେ  ନଥିଲା ମୋ ପରୁଆ ।



ପ୍ରତିଛବି ଦେଖୁ ଦେଖୁ  ହରିଣକୁ ଶୁଭିଲା
ଚିତାର ହେଣ୍ଟାଳ ଦୂରେ,  ମନ ତାର ଦବିଲା ।
ହରିଣ ଛୁଟଇ ବନେ  ବାଘ ଛୁଟେ ପଛରେ
ସହସା ହରିଣ ଶିଙ୍ଘ  ଅଟକିଲା ଗଛରେ ।
ଗହଳିଆ ଲତା ସାଥେ  ଶିଙ୍ଘ ହୁଏ ବାନ୍ଧି ଯେ
ହରିଣ ବିଚାରେ ମନେ  କଇଁ କଇଁ କାନ୍ଦି ଯେ ।
ଗୋଡ଼ ଯୋଗୁ ଦଉଡ଼ିଲି  ଶିଙ୍ଘ ଯୋଗୁ ମରିଲି
ମିଛଟାରେ ଗୋଡ଼କୁ ମୁଁ  କେତେ ନିନ୍ଦା କରିଲି ।





Digitized by srujanika@gmail.com

# ବସନ୍ତ



ଆସିଗଲା ଫଗୁଣ ଓ ଚଇତ
ଥିରିଥିରି ମଳୟର ସହିତ ।

ଆମ୍ବଗଛ ଡାଳେ ଡାଳେ ମୁକୁଳ
ମହୁମାଛି ଦେଖି ହୁଏ ଆକୁଳ ।

ଉପବନେ ପଡ଼େ ଝରାପତର
ଫୁଲ ଫୁଟେ ଦେହେ ମାଖି ଅତର ।

ଅଶୋକ, ଗୋଲାପ କେତେ ପ୍ରକାରେ
କିଶଳୟ ଉଙ୍କି ମାରେ ଶାଖାରେ ।



ପିକ ଗାଏ କୁହୁ କୁହୁ ଗୀତିକା
ପବନରେ ଦୋଳି ଖେଳେ ଲତିକା ।

ରବି ଝାସ ତେଜ ନୁହେଁ ଏବର
ସାଥେ ଧରି ନାଲି, ନେଳି ଅବିର ।

ଦୋଳ ଆସେ ବରଷକେ ଥରଟେ
ରଂଗର ଫୁଆରା ଛୁଟେ ମରତେ ।

ଋତୁରାଜ ନାମ ନେଇ ସରାଗେ
ବସନ୍ତ ଆସିଛି ଫୁଲେ, ପରାଗେ ।







Digitized by srujanika@gmail.com

# ଝିଣ୍ଟିକା ଓ ପିମ୍ପୁଡ଼ି

ସୁନେଲୀ ଖରାରେ ଫୁଲଯାକ ସବୁ
ମାରୁଥିଲେ ଆଖିମିଟିକା
ଡେଇଁ ଡେଇଁ ଘାସେ ଖେଳ ଖେଳୁଥିଲା
ଅଳସୁଆ ଏକ ଝିଣ୍ଟିକା ।



ଦେଖିଲା ପାଖରେ ଚିନି ଦାନାଟିଏ
ଧରି ଦଉଡୁଛି ପିମ୍ପୁଡ଼ି
ଡାକି କହେ ତାକୁ 'କଥା ହେବା ଆ'
ମୁଁ ପରା ଅସଲ ଗପୁଡ଼ି ।'




ପିମ୍ପୁଡ଼ି କହଇ 'କାମ କରୁଛି ମୁଁ
ରୁହ ତମେ ଟିକେ ନୀରବ
ବରଷା ଆସୁଛି ରଖିବାକୁ ହେବ
ସାଇତି ଖାଇବା ଦରବ ।'

'ବରଷା ପାଇଁକି ଡେରି ଅଛି ଭାଇ
ଝିଣ୍ଟିକା କହଇ ହସିକି
ଦଉଡ଼ି ଲାଗିଛୁ ଦିନଯାକ ଟିକେ
ଆରାମ କରିଯା' ବସିକି ।'



Digitized by srujanika@gmail.com

ପିମ୍ପୁଡ଼ି ନ ଶୁଣେ ଝିଣ୍ଟିକାର କଥା
ଲାଗିଥାଏ ତାର ଧନ୍ଦାରେ
ଚଗଲା ଝିଣ୍ଟିକା ଭାରି ଅଳସୁଆ
ଶୋଇ ରହିଥାଏ ପଦାରେ ।





ଦିନ ବିତିଗଲା ବରଷା ଆସିଲା
ପିମ୍ପୁଡ଼ିର ନାହିଁ ପରୁଆ
ସାଇତିନି ଯେଣୁ ଆହାର, ଭୋକରେ
ଝିଣ୍ଟିକାଟି ହେଲା ସରୁଆ ।



ଭବିଷ୍ୟତ କଥା ଭାବେ ନାହିଁ ଯିଏ
ସବୁଠାରୁ ବଡ଼ ବୋକା ସେ
କାମ ବିନା ଖାଲି ଖେଳ ଖେଳୁଥିଲେ
ଦୁଃଖ ଅଛି ତୁମ ସକାଶେ । ◆



Digitized by srujanika@gmail.com


# ଟୁଉକୁ ମୂଷି



ଟୁଉକୁ ମୂଷି, ଟୁକେଇ ମୂଷି
ଧାନ ଭରଣକ ଖାଉଥା ବସି
ତୁଉ ଥାଆ ମୁଁ ଯାଉଛି ରୁଷି ।

ମାଆ ନେଲା ନାଇଁ କୋଳକୁ ତା'ର
ବହିଯାଏ ମୋର ଲୋତକ ଧାର ।
ବାପା ଗାଳିଦେଲେ ଏଡ଼େ ପାଟିରେ
ରୁଷିକି ଶୁଏ ମୁଁ ମୂଷା ମାଟିରେ ।
ଆଉ ମୁଁ ଏ ଘରେ ରହିବି ନାହିଁ
ଦରକାର ନାଇଁ ଭଉଣୀ ଭାଇ ।






ଟୁକୁମୂଷି କହେ, 'ଶୁଉଣ୍ ମୀନା
ମିଛଟାରେ ଖାଲି ରାଗୁଛୁ ସିନା ।
ଚଗଲୀ ଝିଅ ତୁ ମାନୁନୁ କଥା
ମାଆକୁ କରୁଛି କେତେ ଅବସ୍ଥା ।



Digitized by srujanika@gmail.com



ତୋ ଲାଗି ଅଥୟ ବାପାଙ୍କ ମନ
ଦୁଃଖରେ କାତର ରାତି ଓ ଦିନ ।
ସୁନା ପିଲା ହୋଇ ଶୁଣିଲେ କଥା
ଆଉଁଷିବେ ମାଆ ତୋହରି ମଥା ।
ତୋ ଲାଗି ଦିଅଁଙ୍କୁ ଡାକିବ କିଏ ?
ସାରା ଦୁନିଆରେ ଆପଣା ସିଏ ।'



ମୂଷି କଥା ଶୁଣି ମନଟି ଖୁସି
ମୀନା କହେ, 'ଶୁଣ ଟୁଉକୁ ମୂଷି ।
ଗୁମର କଥାଟି କହିଲୁ ମତେ
ବାପା ମାଆ ପରି କେ ହେବ ସତେ ।
କଥା ମାନୁଥିବି ବାପା ମାଆଙ୍କ
ସୁଧାର ପିଲା ମୁଁ ହେବି ତାହାଙ୍କ ।





ଆଉ କେବେ ମୁଁ ଯିବିନି ରୁଷି
ଟୁଉକୁ ମୂଷି ତୁ ଟୁକେଇ ମୂଷି ।
ଧାନ ଭରଣକ ଖାଉଥା ବସି
ଧାଇଁ ପଳେଇବୁ ଅଇଲେ ପୁଷି ।' ◆



Digitized by srujanika@gmail.com

# ସତ୍ୟବାଦୀ ବାଳକ



ପିଲାଟିଏ ନାଆଁ ଥିଲା ମଙ୍ଗଳ
କାଠ କାଟି ଯାଇଥିଲା ଜଙ୍ଗଲ ।
ଜଙ୍ଗଲରେ ବହିଯାଏ ଝରଣା
ଫୁଲ ଫୁଟେ ନାହିଁ ତାର କଳନା ।
ଧାଡ଼ି ଧାଡ଼ି ଗଛ ଝରକୂଳରେ
କାଠ କାଟେ ମଙ୍ଗୁ ବସି ମୂଳରେ ।
ଅଚାନକ୍ ହାତରୁ ତା ଖସିକି
ଟାଙ୍ଗି ରହେ ଝର ଜଳେ ପଶିକି ।




ମଙ୍ଗୁ କାନ୍ଦେ ବୁଡ଼ିଗଲା ବେଉସା
ଘରେ ଗଲେ ଗାଳି ଦେବେ ମଉସା ।
କାନ୍ଦ ଶୁଣି ବନଦେବୀ କାତର
ଉଭା ହେଲେ ସୁନାଟାଙ୍ଗି ସାଥର ।
'ମଙ୍ଗୁ ନେଏ ଏଇ ତୋର କୁରାଢ଼ି
ସୁନାବେଣ୍ଟ ସାଥେ ଦେଲି ସଜାଡ଼ି ।'



Digitized by srujanika@gmail.com

ହାତଯୋଡ଼ି ମଙ୍ଗୁ କହେ - 'ଦେବୀ ଗୋ !
ସୁନାବେଣ୍ଟ କେମିତି ମୁଁ ନେବି ଗୋ ?
ସାଧାରଣ ଟାଙ୍ଗି ଥିଲା ମୋହର
ଦବ ଯଦି ଲେଉଟିବି ସହର ।'



ବନଦେବୀ କଥା ଶୁଣି ପ୍ରସନ୍ନ
'ଦେଖିନାହିଁ ସତ୍ୟବାଦୀ ଏସନ ।
ତୋ' ଭଳି ଆଜିଯାଏ ବାଳକ
କଥା ତୋର ରହିଥିବ କାଳକ ।
କୁରାଢ଼ି ତୋ ନେଏ ଏଇ ପୁରୁଣା
ଆଣିଦେଲି ଖୋଜି ଖୋଜି ଝରଣା ।
ସୁନାବେଣ୍ଟ ଟାଙ୍ଗି ନେ' ଭେଟିରେ
ସୁଖରେ ଜୀବନ ଯିବ କଟିରେ ।' ◆




Digitized by srujanika@gmail.com

# ତଅପୋଇ

ତନୟବନ୍ତ ଯେ ସାଧବର ନାମ
ମାଆ ନାଆଁ ଶକୁନ୍ତଳା
ସୁକୁମାରୀ ଝିଅ ତଅପୋଇ ତାଙ୍କ
ରୂପେ, ଗୁଣେ ଶଶୀକଳା ।

ଗେଲର ଦୁଲଣୀ ଅଳି କଲା ଦିନେ
ଆଣିଦିଅ ସୁନାଜହ୍ନ
କାରିଗର ଆସେ ଚାନ୍ଦ ଗଢ଼ିବାକୁ
ଝିଅ ଯେ କରିଛି ମନ ।





ଅଧାଚାନ୍ଦ ବେଳେ ବାପ ବୁଜେ ଆଖି
ପୂରା ଚାନ୍ଦେ ଯାଏ ମାଆ
ଭାଇଏ କହନ୍ତି କାନ୍ଦନା ଭଉଣୀ
ଆମେ ସବୁ ତୋର ସାହା ।

ଦିନ ବିତିଯାଏ, ବଣିଜ ପାଇଁକି
ବାହାରନ୍ତି ସାତ ଭାଇ
ଭାଉଜମାନଙ୍କୁ ଡକାଇ କହନ୍ତି
'ତୁମକୁ ଲାଗିଲା ତଇ ।'





Digitized by srujanika@gmail.com



ଅଲିଅଲି ଝିଅ ଝୁଲା ଝୁଲୁଥିଲା
ଖାଉଥିଲା ଘିଅ, ମହୁ
ଛଅ ଛଅ ଜଣ ଭାଉଜ ମିଶିକି
କଷଣ ଦେଲେଟି ବହୁ ।

ଭଲ ପାଏ ଏକା ସାନ ଭାଉଜଟି
ନୀଳେନ୍ଦ୍ରି ଯାହାର ନାମ
ବାକିମାନେ ଦେଲେ ତଅପୋଇକୁ ଯେ
ଛେଳି ଜଗିବାର କାମ ।

ଛେଳି ଜଗି ଝିଅ ବନସ୍ତେ ବୁଲଇ
ପୂଜଇ ମଙ୍ଗଳା ମାଆ
ଖୁଦ ପିଠା ଦେଇ କହଇ ଦେବୀଙ୍କୁ
'ତୁମେ ଏକା ମୋର ସାହା ।'






ଦେବୀ ଶୁଣିଥାନ୍ତି ତଇର ଡାକରା
ଲେଉଟି ଆସନ୍ତି ଭାଇ
ଦଣ୍ଡ ଦେଇଥାନ୍ତି ଭାଉଜମାନଙ୍କୁ
ତଇକୁ କୋଳକୁ ନେଇ ।

ସେଇଦିନ ଠାରୁ ଭାଇ ପାଇଁ କରେ
ଭଉଣୀ ଖୁଦୁରୁକୁଣୀ
ମାଆ ମଙ୍ଗଳା ଯେ ଗହନ ମନର
ଗୁହାରି ପାରନ୍ତି ଶୁଣି । ◆




Digitized by srujanika@gmail.com

# ଟୁକୁନୁଟୁଆଁ



କୁନା ପୋଷିଥିଲା କୁକୁରଛୁଆ
ନାଆଁ ଦେଇଥିଲା ଟୁକୁନୁଟୁଆଁ ।
ଟୁକୁନୁଟୁଆଁର ବହୁତ ଲୋଭ
ହାତରୁ ଛଡ଼େଇ ଜିନିଷ ନବ ।
ଦିନଟିଏ କୁନା ମାଉଁସ ଆଣି
ରଖି ଦେଇ ଯେବେ ପିଉଛି ପାଣି ।
ଟୁଆଁ ଟାଣିନେଲା ମାଉଁସ ଖଣ୍ଡେ
ଦଉଡ଼ି ଦଉଡ଼ି ଗାଆଁର ଦାଣ୍ଡେ ।
ପହଞ୍ଚିଲା ଯାଇ ପୋଖରୀ କୂଳେ
ଛିଡ଼ା ହୋଇ ତୁଠ ଚାକୁଣ୍ଡା ମୂଳେ ।



ପାଣିରେ ଦେଖିଲା ନିଜର ଛାଇ
ଭାବିଲା ମନେ - 'ଏ ମୋ ଜାତିଭାଇ ।
ଠିଆ ହୋଇଅଛି ମାଉଁସ ଧରି
ଛଡ଼ାଇ ନେବି ତା ଜୋଅର କରି ।'
ଏତିକି ଭାବିକି ଟୁକୁନୁଟୁଆଁ
ଯେମିତି ପାଣିକୁ ମାରିଛି ଡିଆଁ ।
ପ୍ରତିବିମ୍ବ ଗଲା ଉଭେଇ ତାର
ମୁହଁରୁ ଖସିଲା ମାଉଁସ ହାଡ଼ ।
ଟୁକୁନୁଟୁଆଁର ମନଟି ଦୁଃଖ
ଦେହ ଓଦା ଓଦା, ପେଟରେ ଭୋକ । ◆




Digitized by srujanika@gmail.com

# ଚତୁର ମୂଷା

ଗୋଟିଏ ଥିଲା ଯେ ଚୁଟିଆ ମୂଷା
ମାଟି ତଳେ ବାନ୍ଧି ବଢ଼ିଆ ବସା ।
ଦିନଟିଏ ଗାତୁ ବାହାରି ଆସି
ମନ ଯେଣୁ ଥିଲା ବହୁତ ଖୁସି ।
ଏଣେ ତେଣେ ଧାଇଁ ଖେଳିଲା ଖେଳ
ସୂରୁଜ ବୁଡ଼ିଲେ ବୁଡ଼ିଲା ବେଳ ।
ପୂନେଇଁର ରାତି ଉଠିଲା ଜହ୍ନ
ଜୋଛନା ଢେଉରେ ଭାସିଲା ବନ ।






ଏତିକି ବେଳକୁ ଆସିଲା ପୁଷି
କହିଲା ଖାଇବି ତୁଉକୁ ମୂଷି ।
ଚୁଟିଆ ମୂଷାର ବହୁତ ବୁଦ୍ଧି
ମନରୁ କାଢ଼ିଲା ଗୋଟିଏ ଫନ୍ଦି
କହେ 'ପୁଷି ମତେ-ଖାଇବୁ ନା କି ?
ଛେନାମଣ୍ଡାଟିଏ ତୋହରି ଲାଗି
ସାଇତି ରଖିଛି ଦି ଦିନ ହେଲା
ଖୋଜି ଖୋଜି ତତେ ଜୀବନ ଗଲା ।'



Digitized by srujanika@gmail.com

ପୁଷି କହେ 'ଆହା ଛେନାର ମଣ୍ଡା !
ଖାଇବାକୁ ମନ ଦି ଚାରି ଗଣ୍ଡା ।
କେଉଁଠି ରଖିଛୁ ଗୋଟିଏ ଦେଏ
ଭାରି ସୁଆଦିଆ ଦରବ ସିଏ ।'






ଚୁଟିଆ ମୂଷାଟି ପୁଷିକୁ ନିଏ
କୂଅତଳ ପାଣି ଦେଖାଇ ଦିଏ
ଜହ୍ନ ଖେଳୁଥାଏ ନୀଳ ଆକାଶେ
ପାଣିରେ ତାହାର ଛବିଟି ଭାସେ ।
ମୂଷା କହେ - 'ପୁଷି ଏଇ ଯେ ପିଠା
ଖାଇଲେ ଜାଣିବୁ କେମିତି ମିଠା ।'
ପିଠା ଲୋଭେ ପୁଷି କୂଅକୁ ଡିଏଁ
ପାଣିରେ ବୁଡ଼ି ତା' ଜୀବନ ଯାଏ । ◆



Digitized by srujanika@gmail.com

# ଲୋଭୀ ବାଘ

ଥିଲା ଏକ ଠେକୁଆ
ନାଆଁ ତାର ଭେକୁଆ ।
ଘରୁ ହୋଇ ବାହାର
ଖୋଜୁଥିଲା ଆହାର ।
ଅଚାନକ୍ ଆଗରେ
ଦେଖେ ଚିତାବାଘରେ ।
ଛାତି ଉଠେ ଦୁଲୁକି
ବାଘ କହେ ଉହୁଙ୍କି ।
'ଆଜି ତୋତେ ତାଜାରେ
ଖାଇବି ମୁଁ ମଜାରେ ।'







ଭେକୁ ବଡ଼ ଚତୁର
କହେ ହୋଇ ଆତୁର
'ମୁଁ ଯେ ବଡ଼ ସରୁଆ
ଲାଗୁଛି ବି ଜରୁଆ ।
ପ୍ରଭୁ ହୋଇ ସଦୟ
ଦିଅ ମାସେ ସମୟ
ମୋଟା ହୋଇ ଆସିବି
ମନ ତୁମ ତୋଷିବି ।'



Digitized by srujanika@gmail.com

ମାସଟିଏ ସଇଲା
ବାଘ ପୁଣି ଅଇଲା ।
ଭେକୁ ଗାତ ଆଗରେ
କହେ ବଡ଼ ରାଗରେ
'ମାସଟିଏ ହେଲାଣି
ପିଲାଙ୍କଠୁ ମେଲାଣି
ମାଗି ହୁଅ ବାହାର
ହେବାକୁ ମୋ ଆହାର ।'





ଭେକୁ ଥାଇ ଗାତରେ
କହେ 'ଆହା ମିତରେ
ଭେଟିଥିଲୁ ଯେଦିନ
ମାରିଥାନ୍ତୁ ସେଦିନ
ଖାଇଥାନ୍ତୁ ମାଉଁସ
ବଢ଼ିଥାନ୍ତା ଆୟୁଷ
ଲୋଭ କଲୁ ଯେଣିକି
ଫେରିଯାଆ ଏଣିକି ।' ◆



Digitized by srujanika@gmail.com

# ସିଂହ ଓ ମୂଷାଛୁଆ

ଗୋଟିଏ ଦିନର କଥା
ଗହନ ବନରେ ସିଂହ ଶୋଇଥିଲା
ପତରେ ଥାପିକି ମଥା ।



ମୂଷାଛୁଆଟିଏ ଚଢ଼ି ତା ଉପରେ
ଛାଇ ନିଦ ଦେଲା ଭାଙ୍ଗି
ଆଖି ମେଲିଦେଇ ଗରଜେ କେଶରୀ
ସେ ଯେ ବଡ଼ ବଦ୍‌ରାଗୀ ।



ମୂଷାଛୁଆ ଭୟେ କରପତ୍ର ଯୋଡ଼ି
ପଡ଼େ ପଶୁରାଜ ଆଗେ
କହେ - 'ଅଜାଣତେ ଭୁଲ ହେଲା ପ୍ରଭୁ
କ୍ଷମା ମାଗେ, କ୍ଷମା ମାଗେ ।

ପ୍ରାଣରେ ନମାରି ଦୟାକରି କରି ମୋତେ
ବଞ୍ଚାଇ ରଖିବ ଯଦି
କାମରେ ଆସିବି, ଦେହରେ ତୁମର
ହେବି ନାହିଁ ଆଉ ଲଦି ।



Digitized by srujanika@gmail.com

ସୁଯୋଗ ମିଳିଲେ ସେବା ମୁଁ କରିବି,
ଶପଥ କରୁଛି ରାଜା'
ସିଂହ କହେ - 'ତୁ ଯେ ତୁଚ୍ଛା ଜୀବଟିଏ
କି କାମ କରିବୁ ଯା, ଯା !'



ଦିନ ବିତିଗଲା ବନସ୍ତରେ ଦିନେ
ବ୍ୟାଧ ଥିଲା ଜାଲ ବୁଣି
ସିଂହ ଫଶିଗଲା, ବିକଳ ଡାକ ତା
ମୂଷାଛୁଆ ଦେଲା ଶୁଣି ।



ଆସିକି ତୁରନ୍ତ ମୁନିଆ ଦାନ୍ତରେ
କାଟିଦେଲା ସବୁ ଫାଶ
ପଶୁରାଜ ଗଲା ଜାଲରୁ ମୁକୁଳି
ମୁହଁରେ ଖେଳାଇ ହସ ।

କହେ ସେ ମୂଷାକୁ - 'ବଡ଼ କଥାଟିଏ
ଶିଖାଇଲୁ ଆଜି ମତେ
ସାନ ଜୀବଟିଏ ବେଳ ପଡ଼ିଥିଲେ
କାମରେ ଲାଗଇ ସତେ ।' ◆




Digitized by srujanika@gmail.com

# ନବଘନର ମା'

ନବଘନ ଦିନେ ଆଣିଲା ଘରକୁ
ସାଥି ପିଲାଟିର ବହି
'ଲୁଚେଇ ରଖିଥା, ଫେରାନା ତାହାକୁ
ମାଆ ଦେଇଥିଲା କହି ।'





ସାତଦିନ ପରେ ଚୋରି କଲା ନବ
ଦୋକାନରୁ ନୂଆ ଜାମା
ମାଆ କହେ 'ପୁଅ ବେଶ୍ କାମ କଲୁ
ଲେଉଟାନା ତାକୁ ଜମା ।'



ସାହସ ବଢ଼ିଲା ନବଘନିଆର
ଦିନ ବିତି ହେଲା ମାସ
ମାସ ବିତି ହେଲା ବରଷ ବରଷ
ନବର ମିଟେନି ଆଶ ।



Digitized by srujanika@gmail.com



ଯାହା ଯେଉଁଠାରେ ଦେଖୁଥାଏ ସିଏ
ଚୋରି କରୁଥାଏ ନିତି
ଧରା ପଡ଼ିଗଲା ଦିନଟିଏ କିନ୍ତୁ
ପାରିଲାନି ଆଉ ଜିତି ।

ଚୋରି ଅପରାଧେ ଜେଲ୍ ଯାଏ ନବ
ଛଳ ଚଳ କରି ଆଖି
'ଦଣ୍ଡ ପାଇଁ ମୋର ଦାୟୀ ତୁ ରହିଲୁ'
କହଇ ମାଆକୁ ଡାକି ।






'ଶାସନ ଯଦି ତୁ କରିଥାନ୍ତୁ ମତେ
ଚୋର ମୁଁ ନଥାନ୍ତି ହେଇ
କି ଭଳି ମାଆ ତୁ ବାଳୁତ ପୁଅକୁ
ସୁବୁଦ୍ଧି ପାରିନୁ ଦେଇ ।' ◆



Digitized by srujanika@gmail.com

# ଗହମ କ୍ଷେତର ଚଢ଼େଇଟି

ଗହମ କ୍ଷେତର ଚଢ଼େଇଟି
ଭାରି ଜାଣ ତାର ବଢ଼େଇଟି ।
ନୀଡ଼ ବାନ୍ଧିଥିଲା ଯତନରେ
ବସା ଭରିଥିଲା ସନ୍ତାନରେ ।
କିଚିରି ମିଚିରି କୁନିଛୁଆ
ସବୁ ତାଙ୍କ ପାଇଁ ନୂଆ ନୂଆ ।
ଦିନେ ପିଲାଯାକ ଦେଲେ ଶୁଣି
ଚଷା ଧରିଥିଲା ଟଙ୍କାମୁଣି ।
କହୁଥିଲା କ୍ଷେତ କାଟିଦିଅ
ମଜୁରି ପଇସା ବାଣ୍ଟିନିଅ ।





ଚଢ଼େୟାଣୀ କହେ ଉଡ଼ିଯିବା
ନ ହେଲେ ବିପଦେ ପଡ଼ିଯିବା ।
ଚଢ଼େଇଟି ଶୁଣି ହସୁଥାଇ
କହେ ଯିବାବେଳ ଆସିନାଇଁ ।

ତା' ପରଦିନ ଚାଷୀପିଲା
ପୁଅଙ୍କୁ ଶୁଣାଇ କହିଥିଲା ।
'ମଜୁରିଆ କାମ କଲେ ନାଇଁ
ତୁମେମାନେ ମିଶି ତିନିଭାଇ ।
ପାକଳ ଗହମ କାଟିଦବ
କାଲିକି ଯେମିତି କାମ ହବ ।'



Digitized by srujanika@gmail.com

ଚଢ଼େୟାଣୀ କହେ ଉଡ଼ିଯିବା
ନ ହେଲେ ବିପଦେ ପଡ଼ିଯିବା ।
ଚଢ଼େଇଟି ଶୁଣି ହସୁଥାଇ
କହେ ଯିବାବେଳ ଆସିନାଇଁ ।

ଦୁଇଦିନ ପରେ କୃଷକଟି
କାମରୁ ଫେରିକି ଖଟିଖଟି ।
ଦେଖେ ହେଇନାଇଁ କ୍ଷେତ ସଫା
ଶପଥ କରେ ସେ ତିନି ଦଫା ।
'କାଲିକି ନିଜେ ମୁଁ ଦାଆ ଧରି
ଫସଲ କାଟିବି ଭଲକରି ।'





ଚଷାକଥା ଶୁଣି ଚଢ଼େଇଟି
କହିଲା ସରିଲା ବଢ଼େଇଟି ।
ଏଥରକ ଚାଲ ଉଡ଼ିଯିବା
ନ ହେଲେ ବିପଦେ ପଡ଼ିଯିବା ।
ରଖିବାକୁ ହେବ ନିଜପ୍ରାଣ
କାଲି କ୍ଷେତ କଟା ହେବ ଜାଣ ।
କାରଣ କାମଟି ଚାଷୀ ପିଲା
ନିଜେ କରିବାକୁ ଠିକ୍ କଲା ।
ଭରସା କରିଲେ ଆନଲୋକ
କାମ ହୁଏନାଇଁ ମନେରଖ । ◆



Digitized by srujanika@gmail.com

# ଚ ଛ ଜ ଝ

ଚନ୍ଦନ ଗଛଟି ଥାଏ ସୁବାସ ଦେଇ
ଚଗଲା ପିଲାକୁ ସୁଖ ପାଏନି କେହି ।
ଚଉରା ମୂଳରେ ବୋଉ ନୁଆଁଏ ମଥା
ଚଉକିରେ ବସି ନାନୀ କହୁଛି କଥା ।



ଛଟପଟ ମାଛ ହୁଏ ନଥିଲେ ପାଣି
ଛଡ଼ିଟିଏ ବାପା ମୋତେ ଦେବ କି ଆଣି ?
ଛତାଧରି ବାଟ ଚାଲ ବରଷା ଦିନେ
ଛତୁଆ ଖାଏ ମୁଁ ନିତି ସକାଳୁ ଗିନେ ।




ଜହ୍ନିଫୁଲ ଫୁଟିଥାଏ ଅଶିଣ ମାସେ
ଜକଜକ ଜହ୍ନମାମୁ ନୀଳ ଆକାଶେ
ଜଲେବି ପାଇଁକି କୁନି କରିଛି ଆଶ
ଜନଗଣମନ ଗୀତ ଗାଇବା ଆସ ।

ଝଙ୍କାଳିଆ ବରଗଛ ବଢ଼ଇ ବନେ
ଝଗଡ଼ା କରିବ ନାହିଁ ରଖିଥା ମନେ ।
ଝରଣାଟି ଶୁଖିଗଲେ ଦିଶଇ ବାଲି
ଝଣ୍ଡା ଧରି ସିପାହୀଟି ଯାଉଛି ଚାଲି । ◆



Digitized by srujanika@gmail.com

# ଶୀତ ଆସିଗଲା




ଶୀତ ଆସିଗଲା, ଶୀତ ଆସିଗଲା
କଅଁଳ ପଡ଼ିଲା ଖରା
ରଙ୍ଗବେରଙ୍ଗର ଗେଣ୍ଡୁଫୁଲ ସାଥେ
ଟହଟହ ହସେ ଧରା ।

କାକର ଠୋପାରେ ଝିକିମିକି ସାଜେ
ଦୂବଘାସ ଭରା ବାଟ
ଲାଗଇ ସତେକି ସକାଳୁ ବସିଛି
ମଣିମୁକୁତାର ହାଟ ।

ମଟର, ଗାଜର, ଧନିଆ ପତର
ପାଳଙ୍ଗ, ବିନ୍ ଓ କୋବି
ବଜାର ଭରତି ପରିବା ପସରା
ଖାଇବାକୁ ମନ ଲୋଭୀ ।

ସୋରିଷ କ୍ଷେତରେ ସୁନା ବରଷଇ
ବିଲରେ ଧାନର କେଣ୍ଡା
ଶୀତଳ ରାତିରେ ବିନା ରେଜେଇରେ
ଦେହ ପଡ଼ିଯାଏ ଥଣ୍ଡା ।



ଡାଲିଆ, ଜିନିଆ, ସେବତୀ ଫୁଲରେ
କିଆରୀ ଉଠଇ ସାଜି
ଛିଟ ଶାଢ଼ୀଟିଏ ପିନ୍ଧିଅଛି ଅବା
ବସୁମତୀ ମାଆ ଆଜି ।



ଦିନ ସାନ ହୁଏ, ରାତି ବଢ଼ିଯାଏ
କୁହୁଡ଼ି ଆସଇ ଜମି
ଶୀତ ଆସିଗଲା, ଶୀତ ଆସିଗଲା
ଗରମ ଗଲାଣି କମି । ◆



Digitized by srujanika@gmail.com



ସାମ୍ପ୍ରତିକ ଶିଶୁ ସାହିତ୍ୟରେ **କାନନ ମିଶ୍ର** ଏକ ଜଣାଶୁଣା ନାଁ । ଶିକ୍ଷଣୀୟ ବିଷୟବସ୍ତୁକୁ ନେଇ ପିଲାମାନଙ୍କ ମନଲାଖି କବିତା ଲେଖନ୍ତି ନିଷ୍ଠାର ସହିତ । ତାଙ୍କ ସୃଜନଶୀଳତାର ପରିଚୟ ମିଳେ ତାଙ୍କର ଛନ୍ଦ ଓ ଉପଧା ମିଳନର ଦକ୍ଷତାରେ । ଶିଶୁ କବିତା ପାଇଁ ୨୦୦୦ ମସିହାରେ **ପ୍ରଜାତନ୍ତ୍ର ପ୍ରଚାର ସମିତି** ପକ୍ଷରୁ ପ୍ରଦତ୍ତ **ମୀନାବଜାର ପୁରସ୍କାର** ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।

ଶିଶୁ କବିତା ବ୍ୟତୀତ ତାଙ୍କ ଦ୍ୱାରା ଲିଖିତ ଗଳ୍ପ, କବିତା, ଫିଚର ଓ ସ୍ମୃତିଲେଖାରେ ସମସାମୟିକ ଓଡ଼ିଆ ସାହିତ୍ୟ ଋଦ୍ଧିମନ୍ତ । ଲେଖନ୍ତି ଉଭୟ ଓଡ଼ିଆ ଓ ଇଂରାଜୀରେ ।

**ପିତାମାତା :** ଡକ୍ଟର କୃଷ୍ଣବିହାରୀ ତ୍ରିପାଠୀ
ଶ୍ରୀମତୀ ସୁରେଖା ତ୍ରିପାଠୀ

**ଶିକ୍ଷା** ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ),
ଏମ୍.ଲିଟ୍. (ତୁଳନାତ୍ମକ ସାହିତ୍ୟ), କୋବିଦ (ହିନ୍ଦୀ)

**ପୁରସ୍କାର :** ୧. **ଆଗାମୀ ଶତାବ୍ଦୀ ସାରସ୍ୱତ ସମ୍ମାନ - ୧୯୯୮**
୨. **ବିଷୁବ ମିଳନ ମୀନାବଜାର ପୁରସ୍କାର**
(ପ୍ରଜାତନ୍ତ୍ର ପ୍ରଚାର ସମିତି) - **୨୦୦୦ ମସିହା**

**ପ୍ରକାଶିତ ପୁସ୍ତକ :**

୧. ଟୁପୁରୁ ଟୁପୁରୁ ବରଷେ ପାଣି - ଶିଶୁ କବିତା ସଂକଳନ
୨. ହୀରା ମୋତି ମାଣିକ - ଶିଶୁ କବିତା ସଂକଳନ
୩. ମନର ମୁକୁଳ - କବିତା ସଂକଳନ
୪. ଓଡ଼ିଆ [illegible] ମହାକାବ୍ୟର କ୍ରମବିକାଶ - ସମାଲୋଚନା ଗ୍ରନ୍ଥ

ISBN - 81- 87348 - 19 - 4

Digitized by srujanika@gmail.com